# NATIONAL NEWS BULLETIN (ODIA)

## 21 February - 2026

## Morning Bulletin : 7.15 a.m.

********************************

## ମୁଖ୍ୟ ସମ୍ବାଦ

- ଗ୍ଲୋବାଲ୍ ସାଉଥ୍ ସମେତ ଆଞ୍ଚଳିକ ଓ ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ଆଜି ବ୍ରାଜିଲ୍ ରାଷ୍ଟ୍ରପତିଙ୍କ ସହ ଆଲୋଚନା କରିବେ ପ୍ରଧାନମନ୍ତ୍ରୀ ।
- ଭାରତ କୃତ୍ରିମ ବୁଦ୍ଧିମତା ପ୍ରଭାବ ସମ୍ମିଳନୀରେ ଦେଶର ଦାୟିତ୍ୱପୂର୍ଣ୍ଣ ଏ.ଆଇ. ଦୃଷ୍ଟିକୋଣକୁ ବିଶ୍ୱ ସମର୍ଥନ କରିଛି, କହିଲେ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ।
- ଗୁଆହାଟୀରେ ଆଜି କେନ୍ଦ୍ରୀୟ ରିଜର୍ଭ ପୋଲିସ ବାହିନୀର ପ୍ରତିଷ୍ଠା ଦିବସ ପରେଡ୍‌ରେ ସାମିଲ ହେବେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ଆମେରିକା ସୁପ୍ରିମ୍‌କୋର୍ଟଙ୍କ ଶୁଳ୍କ ନିଷ୍ପତ୍ତି ପରେ, ଭାରତ ସହ ବାଣିଜ୍ୟ ଚୁକ୍ତିରେ କୌଣସି ପରିବର୍ତ୍ତନ ହେବ ନାହିଁ, କହିଲେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ।

ଏବଂ

- ଆଇ.ସି.ସି. ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍‌ରେ ଆଜିଠାରୁ ଆରମ୍ଭ ହେବ ସୁପର୍-ଏଇଟ୍ ପର୍ଯ୍ୟାୟ ।

– ସନ୍ଧ୍ୟା ୭ଟାରେ ପାକିସ୍ତାନ-ନ୍ୟୁଜିଲାଣ୍ଡ ମଧ୍ୟରେ ମୁକାବିଲା ।

# ପିଏମ୍-ବ୍ରାଜିଲ୍ ବାଇ ଲେଟରାଲ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ବ୍ରାଜିଲ ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଦା ସିଲଭା ଆଜି ନୂଆଦିଲ୍ଲୀରେ ଦ୍ୱିପାକ୍ଷିକ ଆଲୋଚନା କରିବେ। ଉଭୟ ନେତା ବହୁପାକ୍ଷିକ ମଞ୍ଚରେ ସହଯୋଗ, ସଂସ୍କାର, ବିଶ୍ୱ ଶାସନ ଏବଂ ଗ୍ଲୋବାଲ୍ ସାଉଥ୍ ସମ୍ବନ୍ଧୀୟ ପ୍ରସଙ୍ଗ ସମେତ ପାରସ୍ପରିକ ସ୍ୱାର୍ଥ ଜଡ଼ିତ ଆଞ୍ଚଳିକ ଏବଂ ବିଶ୍ୱ ପ୍ରସଙ୍ଗ ଉପରେ ମତ ବିନିମୟ କରିବେ।

ଆମର ସମ୍ବାଦଦାତାଙ୍କ ରିପୋର୍ଟ ଅନୁଯାୟୀ, ଭାରତ ଏବଂ ବ୍ରାଜିଲ ସମାନ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଗୁରୁତ୍ୱ ଦେଇଥାନ୍ତି ଓ ବିଭିନ୍ନ କ୍ଷେତ୍ରରେ ଉଭୟ ଦେଶ ମଧ୍ୟରେ ଦୃଢ଼ ସହଯୋଗ ମୂଳକ ସମ୍ପର୍କ ରହିଛି । ଭାରତ ଏବଂ ବ୍ରାଜିଲ ୨୦୦୬ ମସିହାରୁ ରଣନୈତିକ ସହଭାଗୀ ଭାବେ କାର୍ଯ୍ୟ କରୁଛନ୍ତି । ବାଣିଜ୍ୟ ଏବଂ ନିବେଶ, ପ୍ରତିରକ୍ଷା, ଶକ୍ତି, କୃଷି, ସ୍ୱାସ୍ଥ୍ୟ ଏବଂ ଔଷଧ, ନବୀକରଣୀୟ ସମେତ ଶକ୍ତି, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ, ବିରଳ ପୃଥିବୀ ସାମଗ୍ରୀ, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ ଭଳି କ୍ଷେତ୍ରରେ ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ସମୟ କ୍ରମେ ଆହୁରି ଗଭୀର ହୋଇଛି।

# ବୈଷ୍ଣବ-ଏଆଇ ଏମ୍ପାକ୍ଟ ସମିଟ୍

ନୂଆଦିଲ୍ଲୀର ଭାରତ ମଣ୍ଡପମରେ ଗତକାଲି ଶେଷ ହୋଇଥିବା ଭାରତ କୃତ୍ରିମ ବୁଦ୍ଧିମତା ପ୍ରଭାବ ସମ୍ମିଳନୀ ୨୦୨୬ରେ ଭାରତର ଦାୟିତ୍ୱପୂର୍ଣ୍ଣ ଏଆଇ ଦୃଷ୍ଟିକୋଣକୁ  ବିଶ୍ୱ ସମର୍ଥନ କରିଛି ବୋଲି କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ସେ କହିଛନ୍ତି, ପାଞ୍ଚ ଲକ୍ଷରୁ ଅଧିକ ପରିଦର୍ଶକ ଏହି ପ୍ରଦର୍ଶନୀରେ ସାମିଲ ହେବା ସହ ବିଶ୍ୱର ଅନେକ ବିଶେଷଜ୍ଞଙ୍କ ସହ ଆଲୋଚନା କରିଛନ୍ତି। ଶ୍ରୀ ବୈଷ୍ଣବ କହିଛନ୍ତି, ବିଶ୍ୱର ପ୍ରାୟ ପ୍ରମୁଖ ଏଆଇ ସମ୍ପର୍କିତ ବ୍ୟକ୍ତିତ୍ୱ ଏହି ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ। ସେ କହିଛନ୍ତି, ଅନେକଗୁଡ଼ିଏ ଷ୍ଟାର୍ଟଅପ୍‌କୁ ଏହି ସମ୍ମିଳନୀରେ ପ୍ରଦର୍ଶନ କରିବାର ସୁଯୋଗ ମିଳିଥିଲା । ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି, ଏଆଇ ଭିତ୍ତିଭୂମି ବିକାଶ ପାଇଁ ୨୫୦ ବିଲିୟନ ଡଲାର ଏବଂ ଡିପ୍ ଟେକ୍‌ରେ ଉପଯୋଗ ପାଇଁ ନିବେଶ ପରିମାଣ ପ୍ରାୟ ୨୦ ବିଲିୟନ ଡଲାର ଅତିକ୍ରମ କରିଛି ।

ଗଣମାଧ୍ୟମକୁ ସମ୍ବୋଧିତ କରି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ଏଆଇ ସମ୍ମିଳନୀରେ ୨୦ ଜଣ ବିଶ୍ୱସ୍ତରୀୟ ନେତା ଯୋଗ ଦେଇଥିଲେ ଏବଂ ବିଶ୍ୱର ବିଭିନ୍ନ ସ୍ଥାନରୁ ୪୫ ଜଣ ପ୍ରତିନିଧିମଣ୍ଡଳୀ ସାମିଲ ହୋଇଥିଲେ।

## ପିଏମ୍-ମେରଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଉତ୍ତର ପ୍ରଦେଶର ମେରଟ ଗସ୍ତ କରିବେ। ଶ୍ରୀ ମୋଦୀ ଶତାବ୍ଦୀ ନଗର ନମୋ ଭାରତ ଷ୍ଟେସନରେ ମେରଟ ମେଟ୍ରୋ ଏବଂ ନମୋ ଭାରତ ଟ୍ରେନକୁ ପତାକା ଦେଖାଇ ଶୁଭାରମ୍ଭ କରିବେ । ସେ ମେରଟ ଦକ୍ଷିଣ ଷ୍ଟେସନ ପର୍ଯ୍ୟନ୍ତ ମେଟ୍ରୋରେ ଯାତ୍ରା କରିବେ। ଗସ୍ତ କାଳରେ ଶ୍ରୀ ମୋଦୀ ପ୍ରାୟ ୧୨ ହଜାର ୯୩୦ କୋଟି ଟଙ୍କାର ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ପ୍ରଧାନମନ୍ତ୍ରୀ ୮୨ କିଲୋମିଟର ଲମ୍ବ ଦିଲ୍ଲୀ-ମେରଟ ନମୋ ଭାରତ କରିଡରକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିବା ସହ ଦେଶର ପ୍ରଥମ ନମୋ ଭାରତ ଆଞ୍ଚଳିକ ଦ୍ରୁତ ପରିବହନ ବ୍ୟବସ୍ଥାର ଅବଶିଷ୍ଟ ଅଂଶଗୁଡ଼ିକର ଉଦ୍‌ଘାଟନ କରିବେ। ଏହି ପ୍ରକଳ୍ପଗୁଡ଼ିକ ନାଗରିକମାନଙ୍କ ପାଇଁ ସହଜ ଜୀବନଯାପନ ସୁନିଶ୍ଚିତ କରିବ ।

## ଏଆଇ ଇମ୍ପାକ୍ଟ ଏକ୍ସପୋ

ଭାରତ କୃତ୍ରିମ ବୁଦ୍ଧିମତା ପ୍ରଭାବ ସମ୍ମିଳନୀ ପ୍ରଦର୍ଶନର ଆଜି ହେଉଛି ଶେଷ ଦିନ । କେନ୍ଦ୍ର ସରକାର ଏହି ସମ୍ମିଳନୀରେ ଏକତ୍ରିତ ହୋଇଥିବା ପ୍ରଦର୍ଶକ, ନବସୃଜନକାରୀ ଓ ପରିଦର୍ଶକଙ୍କ ଉତ୍ସାହକୁ ଦୃଷ୍ଟିରେ ରଖି ଏହାକୁ ଆଉ ଗୋଟିଏ ଦିନ ପାଇଁ ବୃଦ୍ଧି କରିଛନ୍ତି। ଆମର

ସମ୍ବାଦଦାତା ଜଣାଇଛନ୍ତି, ଏହି ପ୍ରଦର୍ଶନୀ ଆଜି ସକାଳ ୯ଟା ୧୫ମିନିଟ୍‌ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଖୋଲା ରହିବ।

କେନ୍ଦ୍ର ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରଣାଳୟ ଏକ ପରାମର୍ଶ ଜାରି କରି ପରିବର୍ତ୍ତିତ ପରିଦର୍ଶନ ବ୍ୟବସ୍ଥା ସମ୍ପର୍କ ସୂଚନା ଦେଇଛି । ପରାମର୍ଶ ଅନୁଯାୟୀ, ସକାଳ ୯ଟା ୧୫ମିନିଟ୍‌ରୁ ଗେଟ୍ ନମ୍ବର ୪ ଏବଂ ମେଟ୍ରୋ ଦ୍ୱାରା ଆସୁଥିବା ପ୍ରତିନିଧିମାନଙ୍କ ପାଇଁ ଗେଟ୍ ନମ୍ବର ୧୦ ଦେଇ ପ୍ରବେଶ ଅନୁମତି ଦିଆଯିବ। ପ୍ରଦର୍ଶକଙ୍କ ପାଇଁ ଗେଟ୍ ସକାଳ ୮ଟାରେ ଖୋଲିବ।

ଆସନ୍ତାକାଲି ମିଡିଆ ସେଣ୍ଟର କାର୍ଯ୍ୟ କରିବ ନାହିଁ। ସମସ୍ତ ପ୍ରତିନିଧିଙ୍କୁ ପ୍ରବେଶ ସ୍ଥାନରେ ଏକ ବୈଧ କ୍ୟୁଆର୍‌କୋଡ୍ ଏବଂ ସରକାରୀ ପରିଚୟପତ୍ର ପ୍ରଦର୍ଶନ କରିବାକୁ ପଡିବ। ଖାଦ୍ୟ କୋର୍ଟ ସମସ୍ତଙ୍କ ପାଇଁ ଖୋଲା ରହିବ।

ସୂଚନା ଅନୁଯାୟୀ ନିମନ୍ତ୍ରିତ ବ୍ୟକ୍ତି, ବକ୍ତା ଏବଂ ଉପସ୍ଥିତ ସମସ୍ତ ପଞ୍ଜିକୃତ ପ୍ରତିନିଧିଙ୍କୁ ସଂଶୋଧିତ ପ୍ରବେଶ ପ୍ରୋଟୋକଲକୁ କଡ଼ାକଡ଼ି ପାଳନ କରିବାକୁ କୁହାଯାଇଛି ।

## ଅମିତ ଶାହା-ଆସାମ

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ଗୌହାଟୀରେ କେନ୍ଦ୍ରୀୟ ରିଜର୍ଭ ପୋଲିସ ବାହିନୀର ପ୍ରତିଷ୍ଠା ଦିବସ ପରେଡରେ ଯୋଗଦେବା ।

ଶ୍ରୀ ଶାହା ଦଶମ ଆସାମ ପୋଲିସ ବାଟାଲିୟନର ଆଜି ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି। ପ୍ରଥମ ଥର ପାଇଁ, ଆସାମ ଏବଂ ଉତ୍ତର-ପୂର୍ବ ଅଞ୍ଚଳରେ ସି.ଆର୍.ପି.ଏଫ୍.ର ବାର୍ଷିକ ପ୍ରତିଷ୍ଠା ଦିବସ ପରେଡ ଆୟୋଜନ କରାଯାଉଛି।

ଶ୍ରୀ ଶାହା ଆଜି ଗୌହାଟୀର ଅର୍ଜୁନ ଭୋଗେଶ୍ୱର ବରୁଆଁ ଷ୍ଟାଡିୟମରେ କେନ୍ଦ୍ରୀୟ ରିଜର୍ଭ ପୋଲିସ ବାହିନୀର ୮୭ତମ ପ୍ରତିଷ୍ଠା ଦିବସ ପରେଡରେ ମୁଖ୍ୟ ଅତିଥି ଭାବରେ ଯୋଗଦେବେ। ଆଠଟି କଣ୍ଟିଜେଣ୍ଟର ପ୍ରାୟ ୧ ହଜାର ୪୦୦ ସି.ଆର୍.ପି.ଏଫ୍. କର୍ମଚାରୀ ପରେଡରେ ଅଂଶଗ୍ରହଣ କରିବେ ।

ଅପରାହ୍ଣରେ ଶ୍ରୀ ଶାହା ଗୌହାଟୀର ନିକଟବର୍ତ୍ତୀ କଚୁଟୋଲିରେ ଦଶମ ଆସାମ ପୋଲିସ ବାଟାଲିୟନର ନୂତନ କ୍ୟାମ୍ପସର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ବାଟାଲିୟନ ବର୍ତ୍ତମାନ ଗୌହାଟୀରୁ କାର୍ଯ୍ୟ କରୁଥିବା ବେଳେ ନିର୍ମାଣ ଶେଷ ହେବା ପରେ ନୂତନ ପରିସରକୁ ସ୍ଥାନାନ୍ତର ହେବ।

## ନଡ୍ଡା-ଭ୍ୟାକ୍ସିନ୍

କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଜେପି ନଡ୍ଡା ଆଜି ଟିଟାନସ୍ ଏବଂ ଡିପଥେରିଆ ଭଳି ଗମ୍ଭୀର ରୋଗରୁ ରକ୍ଷା ପାଇବା ପାଇଁ ଟିଟାନସ୍ ଏବଂ ଡିପଥେରିଆ ଟିକାକରଣର ଶୁଭାରମ୍ଭ କରିବେ। ଏହି

କାର୍ଯ୍ୟକ୍ରମ ହିମାଚଳ ପ୍ରଦେଶର କସୌଲିସ୍ଥିତ କେନ୍ଦ୍ରୀୟ ଗବେଷଣା ପ୍ରତିଷ୍ଠାନରେ ଅନୁଷ୍ଠିତ ହେବ।

ଟିଟାନସ୍ ଏବଂ ଡିପଥେରିଆ ଟିକାକରଣ ଦେଶର ସାର୍ବଜନୀନ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଟୀକାକରଣ କାର୍ଯ୍ୟକ୍ରମକୁ ଅଧିକ ପ୍ରଭାବଶାଳୀ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ଟିକାକରଣ ଲୋକଙ୍କୁ ଟିଟାନସ୍ ଏବଂ ଡିପଥେରିଆ ଭଳି ଗମ୍ଭୀର ରୋଗରୁ ସୁରକ୍ଷା ଦେବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ଏବଂ ଜାତୀୟ ଟୀକାକରଣ ପ୍ରୟାସକୁ ନୂତନ ଗତି ପ୍ରଦାନ କରିବ ବୋଲି କୁହାଯାଇଛି ।

## ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତାକାଲି ସକାଳ ୧୧ଟାରେ ଆକାଶବାଣୀରେ ମନ କି ବାତ କାର୍ଯ୍ୟକ୍ରମରେ ଦେଶ ଏବଂ ବିଦେଶର ଲୋକଙ୍କ ସହ ଭାବ ବିନିମୟ କରିବେ। ଏହା ମାସିକ ରେଡିଓ କାର୍ଯ୍ୟକ୍ରମର ୧୩୧ତମ ସଂସ୍କରଣ ହେବ। ଏହି କାର୍ଯ୍ୟକ୍ରମ ଆକାଶବାଣୀ ଏବଂ ଦୂରଦର୍ଶନର ସମସ୍ତ ନେଟୱାର୍କ, ଆକାଶବାଣୀ ନ୍ୟୁଜ୍ ୱେବସାଇଟ୍ ଏବଂ ନ୍ୟୁଜ୍ ଅନ୍ ଏଆଇଆର୍ ମୋବାଇଲ୍ ଆପ୍‌ରେ ପ୍ରସାରିତ ହେବ। ଏହା ଆକାଶବାଣୀ ନ୍ୟୁଜ୍, ଡିଡି ନ୍ୟୁଜ୍, ପିଏମଓ ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ୟୁଟ୍ୟୁବ୍ ଚ୍ୟାନେଲରେ ମଧ୍ୟ ପ୍ରସାରିତ ହେବ। ହିନ୍ଦୀ

ପ୍ରସାରଣ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରିବ।

## ୟୁଏସ୍-ଟାରିଫ୍-ଇଣ୍ଡିଆ

ଆମେରିକା ସୁପ୍ରିମକୋର୍ଟଙ୍କ ଶୁଳ୍କ ଉପରେ ନିଷ୍ପତ୍ତି ପରେ, ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ କହିଛନ୍ତି, ଭାରତ ସହିତ ବାଣିଜ୍ୟ ଚୁକ୍ତିରେ କୌଣସି ପରିବର୍ତ୍ତନ ହେବ ନାହିଁ । ସେ କହିଛନ୍ତି, ଭାରତ ସହିତ ତାଙ୍କର ସମ୍ପର୍କ ଭଲ ରହିଛି ଏବଂ ସେଥିପାଇଁ ଭାରତ ସହିତ ବାଣିଜ୍ୟିକ ସମ୍ପର୍କ ଜାରି ରହିଛି ।  ଚଳିତ ମାସର ଆରମ୍ଭରେ ଶ୍ରୀ ଟ୍ରମ୍ପ ଭାରତ ଉପରେ ଲାଗୁ ହୋଇଥିବା ୨୫ ପ୍ରତିଶତ ଅତିରିକ୍ତ ଶୁଳ୍କକୁ ହଟାଇବା ପାଇଁ ଏକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶ ଜାରି କରିଥିଲେ। ବାଣିଜ୍ୟ ଚୁକ୍ତି ଅନୁଯାୟୀ ଆମେରିକା ଭାରତ ଉପରେ ପୂର୍ବର ୨୫ ପ୍ରତିଶତ ଶୁଳ୍କକୁ ୧୮ ପ୍ରତିଶତକୁ ହ୍ରାସ କରିବ ।

## ଆମେରିକା-ନ୍ୟୁ ଟାରିଫ୍

ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ କହିଛନ୍ତି ଯେ ସୁପ୍ରିମକୋର୍ଟ ତାଙ୍କର ଅନେକ ମୂଳ ଶୁଳ୍କକୁ ବାତିଲ କରିବା ନିଷ୍ପତ୍ତି ନେବା ପରେ ସେ ବିକଳ୍ପ ଆଇନ ବ୍ୟବହାର କରି ଏକ ନୂତନ ବିଶ୍ୱସ୍ତରୀୟ ୧୦ ପ୍ରତିଶତ

ଶୁଳ୍କ ଲାଗୁ କରିବେ।  ଆମେରିକାର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଶୁଳ୍କ ବାତିଲ ସମ୍ପର୍କିତ ନିଷ୍ପତ୍ତିକୁ ସମାଲୋଚନା କରିବା ପରେ ଶ୍ରୀ ଟ୍ରମ୍ପ୍ ଏହି ଘୋଷଣା କରିଛନ୍ତି । ତାଙ୍କ ଶୁଳ୍କ ବ୍ୟବସ୍ଥାକୁ ବାତିଲ କରିବା ପାଇଁ ଭୋଟ ଦେଇଥିବା ବିଚାରପତିମାନଙ୍କ ପାଇଁ ସେ ସମ୍ପୂର୍ଣ୍ଣ ଲଜ୍ଜିତ ଏବଂ ଏହି ରାୟକୁ ଅତ୍ୟନ୍ତ ନିରାଶାଜନକ ବୋଲି ସେ କହିଛନ୍ତି ।

## ଇସ୍ରାଏଲ୍-ଷ୍ଟ୍ରାଇକ୍ ଲେବାନନ୍

ଲେବାନନର ପୂର୍ବ ବେକା ଉପତ୍ୟକାରେ ଗତକାଲି ଇସ୍ରାଏଲୀ ଆକ୍ରମଣରେ ୧୦ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ତିନି ଜଣ ଶିଶୁଙ୍କ ସମେତ ୨୪ ଜଣ ଆହତ ହୋଇଛନ୍ତି। ଏକ ପାଲେଷ୍ଟାଇନୀ ଶରଣାର୍ଥୀ ଶିବିର ଉପରେ ଇସ୍ରାଏଲୀ ଆକ୍ରମଣରେ ଆଉ ଦୁଇ ଜଣ ପ୍ରାଣ ହରାଇଥିବା ସୂଚନା ମିଳିଛି । ଇସ୍ରାଏଲ କହିଛି ଯେ ବେକା ଉପତ୍ୟକାରେ ଲେବାନନର ଆତଙ୍କବାଦୀ ଗୋଷ୍ଠୀ ହିଜବୋଲାର କମାଣ୍ଡ ସେଣ୍ଟରଗୁଡ଼ିକ ଉପରେ ଆକ୍ରମଣ କରିଛି । ତେବେ ହିଜବୋଲା ପକ୍ଷରୁ ତୁରନ୍ତ କୌଣସି ସ୍ପଷ୍ଟିକରଣ ଦିଆଯାଇ ନାହିଁ।

## ଏଫ୍‌ଆଇଏଚ୍ ହକି

ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ବିଦେଶ ପର୍ଯ୍ୟାୟର ଆଜି ଉଦ୍‌ଘାଟନୀ ମ୍ୟାଚ୍‌ରେ ଭାରତ ଓ ସ୍ପେନ୍ ମୁହାଁମୁହିଁ ହେବେ । ମଧ୍ୟାହ୍ନ ୧୨ଟାରେ ମ୍ୟାଚ୍ ଆରମ୍ଭ ହେବ । ଅଧିନାୟକ ହାର୍ଦ୍ଦିକ ସିଂହଙ୍କ ନେତୃତ୍ୱରେ ଭାରତୀୟ ଖେଳାଳିମାନେ ବିଜୟ ହାସଲ ଲାଗି ଉଦ୍ୟମ କରିବେ । ଆସନ୍ତାକାଲି ଭାରତ' ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିବାକୁ ଥିବା ବେଳେ ଫେବୃଆରୀ ୨୪ରେ ସ୍ପେନ୍ ଓ ୨୫ରେ ଅଷ୍ଟ୍ରେଲିଆ ବିପକ୍ଷରେ ଫାଇନାଲ୍ ମ୍ୟାଚ୍ ଖେଳିବ ।

## କ୍ରିକେଟ୍ ୱାର୍ଲ୍ଡକପ୍-ମହିଳା କ୍ରିକେଟ୍

ଆଇ.ସି.ସି. ଟି-ଟ୍ୱେଣ୍ଟି କ୍ରିକେଟ ବିଶ୍ୱକପରେ ଆଜିଠାରୁ ସୁପର୍-ଏଇଟ୍ ପର୍ଯ୍ୟାୟ ଆରମ୍ଭ ହେବ । ସୁପର୍-ଏଇଟ୍‌ରେ ପ୍ରଥମ ଗ୍ରୁପ୍‌ରେ ଭାରତ, ଦକ୍ଷିଣ ଆଫ୍ରିକା, ୱେଷ୍ଟଇଣ୍ଡିଜ୍ ଓ ଜିମ୍ବାୱେ ଥିବାବେଳେ ଦ୍ୱିତୀୟ ଗ୍ରୁପ୍‌ରେ ଶ୍ରୀଲଙ୍କା, ଇଂଲଣ୍ଡ, ନ୍ୟୁଜିଲାଣ୍ଡ ଓ ପାକିସ୍ତାନ ରହିଛି । ଆଜି ସନ୍ଧ୍ୟା ୭ଟାରେ ଶ୍ରୀଲଙ୍କାର ଆର୍ ପ୍ରେମଦାସା ଷ୍ଟାଡିୟମ୍‌ରେ ପାକିସ୍ତାନ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ପ୍ରଥମ ସୁପର-ଏଇଟ୍ ମ୍ୟାଚ୍ ଖେଳାଯିବ । ଭାରତ ଆସନ୍ତାକାଲି ଦକ୍ଷିଣ ଆଫ୍ରିକା ବିପକ୍ଷରେ ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍ ସୁପର୍-ଏଇଟ୍ ମ୍ୟାଚ୍ ଖେଳିବ ।

ଗତକାଲି ଶ୍ରୀଲଙ୍କାର ପାଲେକେଲ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ଶେଷ ଗ୍ରୁପ୍-ବି’ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୯ ୱିକେଟରେ ଓମାନକୁ ପରାସ୍ତ କରିଛି। ୧୦୫ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଅଷ୍ଟ୍ରେଲିଆ ମାତ୍ର ୯ଓଭର ୪ଟି ବଲ୍‌ରେ ଗୋଟିଏ ୱିକେଟ ହରାଇ ଆବଶ୍ୟକ ସ୍କୋର କରିଥିଲା। ପ୍ରଥମେ ବ୍ୟାଟିଂ କରି ଓମାନ ୧୬ ଓଭର ୨ଟି ବଲରେ ୧୦୪ ରନରେ ଅଲଆଉଟ୍ ହୋଇଯାଇଥିଲା।

ମହିଳା କ୍ରିକେଟରେ, ଭାରତୀୟ ଦଳ ଆଜି ଅଷ୍ଟ୍ରେଲିଆର ଆଡିଲେଡ୍ ଓଭାଲ୍ ଷ୍ଟାଡିୟମରେ ତିନି ମ୍ୟାଚ୍ ସିରିଜର ତୃତୀୟ ଏବଂ ଅନ୍ତିମ ଟି-୨୦ ମ୍ୟାଚ୍ ଖେଳିବ। ମ୍ୟାଚ୍ ଅପରାହ୍ଣ ଗୋଟାଏ ୪୫ମିନିଟ୍‌ରେ ଆରମ୍ଭ ହେବ। ବର୍ତ୍ତମାନ ସିରିଜ ୧-୧ ସ୍ଥିତିରେ ରହିଛି ।